# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ:୨, ସଂଖ୍ୟା: ୨୯, ଭୁବନେଶ୍ୱର, ଜୁନ୍ ୦୨ -୦୮, ୨୦୨୫, Vol: 2, Issue: 29, Bhubaneswar, June 02- 08, 2025 Pages- 8


# ଶ୍ରୀକ୍ଷେତ୍ରରୁ ହଜିଯିବ କି ଶହ ଶହ ବର୍ଷର ମଠ ପରମ୍ପରା !

***ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଛାରଖାର ହୋଇଥିଲା ପ୍ରକଳ୍ପ ପରିଧି ମଧ୍ୟରେ ଥିବା ୧୯ଗୋଟି ମଠର ଭିତ୍ତିଭୂମି । ଶେଷ ସନ୍ତକ ସ୍ୱରୂପ ଛାଡ଼ି ଯାଇଥିଲେ ମଠ ମାନଙ୍କର ବିଜେ ସ୍ଥଳି ଗୁଡ଼ିକୁ । ମାତ୍ର ଶ୍ରୀକ୍ଷେତ୍ର ଐତିହ ସଂସ୍କୃତିକୁ ପୁନଃସ୍ଥାପିତ କରିବା ଆଳରେ ପୂର୍ବ ସରକାର ପରିକ୍ରମା ପ୍ରକଳ୍ପ ମଧ୍ୟରେ ଛାଡ଼ି ଯାଇଥିବା ଶେଷ ସନ୍ତକ ଗୁଡିକୁ ନେଇ ଗୋଟିଏ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ଅଂଟା ଭିଡ଼ିଛନ୍ତି ରାଜ୍ୟ ସରକାର । ଯାହାକି ସାଧୁସନ୍ଥ, ବୁଦ୍ଧିଜୀବି ଏବଂ ଭକ୍ତ ମହଲରେ ସୃଷ୍ଟି କରିଛି ଅସନ୍ତୋଷ । ଯାହାକୁ ନେଇ ଆମ ପୁରୀ ଜିଲ୍ଲା ପ୍ରତିନିଧି ରଶ୍ମି ରଞ୍ଜନ ମହାରଥାଙ୍କ ସ୍ୱତନ୍ତ୍ର ଉପସ୍ଥାପନା...***


ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ବଡ ଆଖଡ଼ା ମଠ

ପୁରୀ(ଭିଓଭି): ପୂର୍ବ ବିଜେଡ଼ି ସରକାରଙ୍କ ଅମଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚତୁଃପାଶ୍ୱର୍ରେ ମେଘନାଦ ପାଚେରୀର ୭୫ମିଟର ପରିଧିରୁ ସମସ୍ତ ସ୍ଥାୟୀ ନର୍ମାଣ ଉଚ୍ଛେଦ କରାଯାଇଥିଲା । ଏହି ପ୍ରକ୍ରିୟାରେ ୧୯ଟି ମଠ ର ବିଜେସ୍ଥଳିକୁ ଛାଡି ଅନ୍ୟ ସମସ୍ତ ନିର୍ମାଣ ଭଙ୍ଗା ଯାଇଥିଲା। କ୍ଷତିଗ୍ରସ୍ତ ସମସ୍ତ ୧୯ଟି ଯାକ ମଠର ମହନ୍ତଙ୍କ ପ୍ରକୋଷ୍ଠ, ସନ୍ଥ ଭବନ ଏବଂ ବିଦ୍ୟାର୍ଥୀ ଭବନ ଗୁଡିକୁ ଗୋଟିଏ ସ୍ଥାନରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଇତି ମଧ୍ୟରେ ୬ବର୍ଷ ବିତି ଯାଇଥିଲେ ମଧ୍ୟ କେବଳ ଦୁଇଥର ଉଚ୍ଚସ୍ତରୀୟ ବୈଠକ ବ୍ୟତୀତ ଏଥିପାଇଁ ଏ ପର୍ଯ୍ୟନ୍ତ ଜମି ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ପାରିନାହିଁ । କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାର ଏବେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି ।

ଓଡ଼ିଶାରେ ନୂଆ ବିଜେପି ସରକାର ଦାୟିତ୍ୱ ନେବା ପରେ ରଥ ଉପରୁ ବଡଠାକୁର ପଡିଯିବା, ରତ୍ନ ଭଣ୍ଡାର ମରାମତି କାର୍ଯ୍ୟରେ ଶିଥିଳତା, ଗଣତି ମଣତି ର ତାଲିକା ଲୋକ ଲୋଚନକୁ ଆସିବାରେ ବିଳମ୍ବ ହେବା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଦେବାର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଶ୍ରୀମନ୍ଦିର ଭିତରେ ଧାଡି ଦର୍ଶନର ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇ ନପାରିବା ଆଦି ଭକ୍ତ ମହଲରେ ଅସନ୍ତୋଷର କାରଣ ସାଜିଥିବା ବେଳେ, ଆଇନି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବୟାନ ପୁଣି ଏକ ଦ୍ୱନ୍ଦ ସୃଷ୍ଟି କରିଛି । ପୂର୍ବ ସରକାରଙ୍କ ଠାରୁ ବର୍ତିଯାଇଥିବା ଶ୍ରୀକ୍ଷେତ୍ର ରେ ଐତିହ ମଠ ଗୁଡିକର ସ୍ମୃତି ସ୍ୱରୂପ କେବଳ ବିଜେ ସ୍ଥଳି ଗୁଡ଼ିକ ଅତୀତର ମୁକ ସାକ୍ଷୀ ହୋଇ ରହିଥିବା ବେଳେ, ବର୍ତମାନର ସରକାର ସେଗୁଡିକୁ ବି ଭାଙ୍ଗି ଦେବାକୁ ବସିଛନ୍ତି। ସମସ୍ତ ମଠର ବିଜେ ସ୍ଥଳୀ ଗୁଡ଼ିକୁ ନେଇ ଗୋଟିଏ ସ୍ଥାନରେ କରିବା ପାଇଁ ସରକାର ଯୋଜନା କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି ।


ଉତ୍ତର ଦ୍ୱାର ନିକଟରେ ଶ୍ରୀତ୍ରିମାଳୀ ମଠ

**ସମସ୍ତ ମଠର ବିଜେସ୍ଥଳି ଗୋଟିଏ ସ୍ଥାନରେ ହେବ... ଆଇନ ମନ୍ତ୍ରୀ**

"ପରିକ୍ରମା ପ୍ରକଳ୍ପରେ ଯେଉଁ ମଠ ଗୁଡ଼ିକ ଭଙ୍ଗା ଯାଇଥିଲା ତାହାର ପୁନର୍ବାସ କରାଇବା ପାଇଁ ବିଭାଗ ତରଫରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଗୋଟିଏ ସ୍ଥାନରେ ସମସ୍ତ ମଠର ବିଜେସ୍ଥଳି ଅବସ୍ଥାପିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଯେଉଁ ଯାଗାରେ ଏହା ନିର୍ମାଣ କରାଯିବ ଖୁବ୍ ଶୀଘ୍ର ସେ ଯାଗାକୁ ଜବରଦଖଲ ମୁକ୍ତ କରାଯାଇ ନିର୍ମାଣ କରାଯିବ ବୋଲି ବିଚାର ଚାଲିଛି । ସମସ୍ତ ମଠର ବିଜେସ୍ଥଳୀ ଗୋଟିଏ ଯାଗାରେ ରହିଲେ ଭକ୍ତ ମାନେ ସେଠାକୁ ସୁବିଧାରେ ଯାଇ ପାରିବେ ଏବଂ ଉକ୍ତ ମଠ ମାନେ ଶ୍ରୀମନ୍ଦିରକୁ ଯେଉଁ ସେବା ଦେଉଛନ୍ତି ତାହା ଦେବାରେ ସେମାନଙ୍କୁ ସହଜ ହେବ ବୋଲି ଆଇନ୍ ମନ୍ତ୍ରୀ ତାଙ୍କ ବୟାନରେ କହିଛନ୍ତି ।

**ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ଐତିହକୁ ଅକ୍ଷୁର୍ଣ୍ଣ ରଖା ଯାଇଥିଲା.... ବିଜେଡ଼ି**

ଶ୍ରୀମନ୍ଦିର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ଐତିହକୁ ଅକ୍ଷୁର୍ଣ୍ଣ ରଖା ଯାଇଥିଲା। ଏଥିପାଇଁ ମଠାଧୀଶ ମାନଙ୍କ ସହ ଆଲୋଚନା ପରେ ମଠ ଗୁଡ଼ିକର ବିଜେସ୍ଥଳି ଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଇଥିଲା ଏବଂ ବିଦ୍ୟାର୍ଥୀ ଭବନ ତଥା ସନ୍ଥ ଭବନ ଗୁଡ଼ିକୁ ଭାଙ୍ଗି ଗୋଟିଏ ଯାଗାରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏବେ ବି ମଠ ଗୁଡ଼ିକର ବିଜେସ୍ଥଳି ଗୁଡ଼ିକ ନିଜ ସ୍ଥାନରେ ବିରାଜମାନ ଅଛି ଏବଂ ଭକ୍ତମାନେ ସେଗୁଡ଼ିକୁ ଦର୍ଶନ କରୁଛନ୍ତି ବୋଲି ବିଜେଡ଼ି ମୁଖପାତ୍ର ଲେଲିନ୍ ମହାନ୍ତି ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି ।

**ଠାକୁର ଥିବେ ହେଲେ ମଠ ସଂସ୍କୃତି ନଥିବ..... ସଂଗ୍ରାମ କେଶରୀ ଦାଶ, ପରିଚାଳକ, ଶ୍ରୀଜଗନ୍ନାଥ ବଲ୍ଲଭ ମଠ**

ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଏକ୍‌ଜୁକ୍ୟୁଟିଭ ଅଫିସର ସଂଗ୍ରାମ କେଶରୀ ଦାଶ ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି, "ଏମିତି ସରକାରଙ୍କ ଜଣେ କର୍ମଚାରୀ ହିସାବରେ ସରକାର ଯାହା ନିଷ୍ପତି ନେବେ ତାହା ତ ମୁଁ ପାଳନ କରିବାକୁ ବାଧ୍ୟ, ମାତ୍ର ମୋ ବ୍ୟକ୍ତିଗତ ମତରେ ଏହାଦ୍ୱାରା ଐତିହ ମଠ ଗୁଡ଼ିକର ସ୍ୱତନ୍ତ୍ରତା ଆଉ କିଛି ରହିବ ନାହିଁ । ଲୋକ ମାନେ ସପିଙ୍ଗ ମଲ୍ କୁ ଯାଇ ବିଭିନ୍ନ ଦୋକାନ ବୁଲି ଦେଖିବା ପରି ବା ମ୍ୟୁଜିୟମରେ ବୁଲିବା ପରି ଗୋଟିଏ ସ୍ଥାନରେ ବହୁତଳ ଆପାର୍ଟମେଂଟରେ ସବୁ ମଠର ଠାକୁରଙ୍କୁ ଦେଖିବେ । ଠାକୁର ତ ଥିବେ ହେଲେ ମଠ ସଂସ୍କୃତି ବୋଲି ଆଉ କିଛି ରହିବ ନାହିଁ । ଜଗନ୍ନାଥ ବଲ୍ଲବ ମଠରେ ବିଜେ ହୋଇଥିବା ଏକ ଠାକୁରଙ୍କ ପାଖରୁ ଆଜ୍ଞାମାଳ ଯାଇଥାଏ । ମାତ୍ର ମନ୍ଦିର ମରାମତି ବେଳେ ସେହି ଠାକୁରଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଇଥିବାରୁ ସେଠାରୁ ଶ୍ରୀମନ୍ଦିର ସେବାୟତ ମାନେ ଆଉ ଆଜ୍ଞାମାଳ ନେଉନାହାନ୍ତି । ତେଣୁ ହଜାର ହଜାର ବର୍ଷ ଧରି ଗୋଟିଏ ସ୍ଥାନରେ ବିଜେ ହୋଇଥିବା ମଠ ବିଗ୍ରହ ମାନଙ୍କୁ ସ୍ଥାନାନ୍ତର କରିବା କେତେ ଦୂର ଯଥାର୍ଥ ହେବ ଏବଂ ନୀତି କାନ୍ତି ସମ୍ପନ୍ନ ହେବ ବୋଲି ସେ ପ୍ରକାଶ କରିଛନ୍ତି ।"

ଉଚ୍ଛେଦ ମଠ ଗୁଡ଼ିକର ମଠ ମହନ୍ତଙ୍କ ରହିବା ପ୍ରକୋଷ୍ଠ, ବିଦ୍ୟାର୍ଥୀ ଅଧ୍ୟୟନ ଗୃହ ଏବଂ ସନ୍ଥ ଭବନ ଗୋଟିଏ ଯାଗାରେ ନିର୍ମାଣ କରିବା ପାଇଁ ସରକାର ପ୍ରତିଶୃତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ୬ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ନିର୍ମାଣ କରିବା ତ ଦୂରର କଥା ଜମି ଅଧିଗ୍ରହଣ ପର୍ଯ୍ୟାୟ ମଧ୍ୟ ଶେଷ ହୋଇନାହିଁ । ବର୍ତମାନର ସରକାର ଏଥିପାଇଁ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ଏହା ସ୍ୱାଗତ ଯୋଗ୍ୟ । ମାତ୍ର ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ମଠ ଗୁଡ଼ିକର ମୂଳ ଗାଦିକୁ ଭାଙ୍ଗି ସରକାର ଗୋଟିଏ ଯାଗାରେ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି କି, ଏହା ସହି ସ୍ଥାନରେ ଥାଇ ଅନ୍ୟ ସ୍ଥାନରେ ଅଲଗା ନୂଆ ନିର୍ମାଣ କରିବେ ତାହା ସ୍ପଷ୍ଟ ହେବା ଦରକାର ବୋଲି ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ତଥା ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି ।

କାହିଁ କେଉଁ ଆବାହମାନ କାଳରୁ ଶ୍ରୀମନ୍ଦିର ନିତି କାନ୍ତି ପରମ୍ପରା ସହିତ ଶ୍ରୀକ୍ଷେତ୍ରରେ ଥିବା ମଠ ଗୁଡ଼ିକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ବିଶେଷ କରି ଶ୍ରୀମନ୍ଦିର ଚତୁଃପାଶ୍ୱର୍ରେ ଥିବା ମଠ ଗୁଡିକ ମଧ୍ୟରୁ ଅନେକ ପ୍ରତ୍ୟେକ୍ଷ ଭାବେ ଜଡ଼ିତ ଥିବା ବେଳେ ଅନେକ ପରୋକ୍ଷ ଭାବେ ଶ୍ରୀମନ୍ଦିର ସହ ଜଡ଼ିତ ହୋଇ ଥାଆନ୍ତି । ପ୍ରତ୍ୟେକ ମଠର ଠାକୁରଙ୍କ ସ୍ୱତନ୍ତ୍ର ବିଜେ ସ୍ଥଳି ବ୍ୟତୀତ ମଠାଧୀଶଙ୍କ ସ୍ୱତନ୍ତ୍ର ପ୍ରକୋଷ୍ଠ ସହିତ ଅନ୍ୟାନ୍ୟ ସାଧୁ ସନ୍ଥଙ୍କ ରହିବା ପାଇଁ ଏବଂ ଭକ୍ତ ମାନଙ୍କ ପାଇଁ ଅନେକ ଗୁଡ଼ିଏ କୋଠରୀ ରହିଥାଏ । ଏହା ସହିତ ମଠ ଗୁଡିକର ଭଣ୍ଡାର ଗୃହ, ରୋଷେଇ ସ୍ଥଳ ଏବଂ ଅନ୍ୟାନ୍ୟ କର୍ମଚାରୀ ତଥା ସାଧୁ ସନ୍ଥଙ୍କ ପାଇଁ ମଧ୍ୟ ଅନେକ ଗୁଡ଼ିଏ କୋଠରୀ ରହିଥାଏ । ପୂଜା ପର୍ବାଣି ତଥା ରଥଯାତ୍ରା ସମୟରେ ଗାଁ ଗହଳି ତଥା ଦୂର ଦୂରାନ୍ତରୁ ଅନେକ ସାଧାରଣ ଭକ୍ତ ଆସି ସେଠାରେ ରହି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ମଠ ଗୁଡିକର ସମସ୍ତ ପ୍ରକୋଷ୍ଠ ଭାଙ୍ଗି ଦିଆଯିବା ଦ୍ୱାରା ସାଧାରଣ ଭାବରେ ଏହି ମଠ ଗୁଡ଼ିକ ଉପରେ ନିର୍ଭରଶୀଳ ଥିବା ହଜାର ହଜାର ସାଧୁସନ୍ଥ ଏବଂ ଭକ୍ତ ମାନେ ପ୍ରଭାବିତ ହୋଇଛନ୍ତି ନିଶ୍ଚିନ୍ତ । ମାତ୍ର ଐତିହ ମଠ ଗୁଡ଼ିକର ଶେଷ ସନ୍ତକ ବିଜେସ୍ଥଳୀ ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନିଷ୍ପତିକୁ ଅନେକ ମଠାଧୀଶ, ସାଧୁସନ୍ଥ ଏବଂ ସାଧାରଣରେ ନାପସନ୍ଦ କରାଯାଉଛି ।




# ଜୀବେ ଦୟା ପରମ ଧର୍ମ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଆମ ଦେଶ, ଖାଦ୍ୟଶସ୍ୟ ଉତ୍ପାଦନରେ ଏବେ ଆତ୍ମ ନିର୍ଭରଶୀଳ ହୋଇପାରିଛି। ବିଗତ ବର୍ଷ ଏହାର ରେକର୍ଡ ଉତ୍ପାଦନରେ ୬ ପ୍ରତିଶତ ବୃଦ୍ଧିଘଟି ୩୧୬୦.୬୦ ଲକ୍ଷ ଟନରେ ପହଞ୍ଚିଛି। ଏବେ ଆମ ଦେଶ ୨୧ ଟି ଦେଶକୁ ଖାଦ୍ୟ ଶସ୍ୟ ରପ୍ତାନି କରି ପାରୁଛି । ପରିତାପର ବିଷୟ, ସ୍ୱାଧୀନତା ର ୭ ଦଶନ୍ଧି ପରେ ମଧ ତୈଳବୀଜ ଓ ଡାଲି ଉତ୍ପାଦନରେ ଆମଦେଶ ଆତ୍ମନିର୍ଭରଶୀଳ ହୋଇ ପାରିନାହିଁ।

ଦେଶର ୭୦ ପ୍ରତିଶତ ଜନସଂଖ୍ୟା ଆମିଷ ଖାଦ୍ୟରେ ରୁଚି ରଖୁଥିବାରୁ , ଆମ ଦେଶରେ ୬୦ ଲକ୍ଷ ଟନ ମାଛମାଂସର ଆବଶ୍ୟକତା ପଡିଥାଏ । ଆମିଷ ଖାଦ୍ୟରେ ପର୍ଯ୍ୟାପ୍ତ ପ୍ରୋଟିନ, ଆଇରନ, ଜିଙ୍କ ଆଦି ପୋଷକତତ୍ତ୍ୱ ଆମ ମାଂସପେଶୀ କୁ ସଶକ୍ତ କରିବା ସହିତ ଶରୀରର ଶକ୍ତି ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ ।



ମଣିଷର ଶାରୀରିକ ଗଠନ ଶାକାହାରୀ ଅନୁରୂପ ହୋଇଥିଲା ବେଳେ, ଖାଦ୍ୟଶସ୍ୟର ଅଭାବ, ଭୌଗଳିକ ସ୍ଥିତି, ସର୍ବୋପରି ନିଜସ୍ୱ ରୁଚି ଅନୁସାରେ ମଣିଷ ଖାଦ୍ୟ ଗ୍ରହଣ କରିଥାଏ। ମଣିଷ ଜନ୍ମରୁ ଶାକାହାରୀ ନା ମାଂସାହାରୀ ଏହା ଏକ ବିତର୍କିତ ପ୍ରସଙ୍ଗ। କେତେକ ଅଣ୍ଡାକୁ ଶାକାହାର ଓ ଦୁଗ୍ଧଜାତ ଦ୍ରବ୍ୟ ଓ ପିଆଜ ରଶୁଣକୁ ଆମିଷ ଖାଦ୍ୟ ରୂପେ ବିବେଚନା କରନ୍ତି । ଆମ ଦେଶର ଉତ୍ତର- ପୂର୍ବୋତ୍ତର ରାଜ୍ୟ ସମୂହ, ପଶ୍ଚିମବଙ୍ଗ, ତେଲେଙ୍ଗାନା, କେରଳ ଆଦି ଦେଶରେ ସର୍ବାଧିକ ଆମିଷ ଖାଦ୍ୟ ଆବଶ୍ୟକ ହୋଇଥାଏ। କେତେକ ହିନ୍ଦୁ ଦେବଦେବୀଙ୍କ ପାଖରେ ଆମିଷ ଭୋଗ ଓ ବଳୀପ୍ରଥା ଏବେ ବି ରହିଛି ।

ମଣିଷକୁ ଜୀବଜଗତର ଶ୍ରେଷ୍ଠ ପ୍ରାଣୀ ରୂପେ ବିବେଚନା କରାଯାଏ । ଇତର ଜୀବଜଗତ,

## ନିଷ୍କର୍ଷ

ପଶୁପକ୍ଷୀ ମାନେ ମଧ ମଣିଷ ପରି ଈଶ୍ୱରଙ୍କ ଏକ ସ୍ୱଭାବିକ ସୃଷ୍ଟି। ପ୍ରକୃତି ସମସ୍ତଙ୍କ ପାଇଁ ଖାଦ୍ୟର ସୁବନ୍ଦୋବସ୍ତ କରିଥାଏ ତେବେ ଏପରି ଅସଙ୍ଗତି କାହିଁକି ? ଇତର ଜୀବଜନ୍ତୁ ମାନେ ନିଜର ଉଦର ଜ୍ୱାଳା ପ୍ରଶମିତ କରିବା ପାଇଁ ମଣିଷ ମାନଙ୍କୁ ହତ୍ୟା କରୁନଥିବା ବେଳେ ମଣିଷ କାହିଁକି ଏପରି କରେ ? ନିମ୍ନଲିଖିତ କେତୋଟି ପଂକ୍ତି, ବନ୍ଧୁମାନଙ୍କ ବୌଦ୍ଧିକ ଚିନ୍ତିନ ପାଇଁ।

ସ୍ୱଭାବିକ ଭାବେ ମା ସ୍ତନରେ ସୃଷ୍ଟି ହେଉଥିବା କ୍ଷୀର କେବଳ ତାର ସନ୍ତାନ/ଶାବକ ମାନଙ୍କ ପାଇଁ ଉଦ୍ଦିଷ୍ଟ । ମଣିଷ ନିଜ ଭାଗରୁ କାହାକୁ କେବେ ଦିଏ ନାହିଁ । ଗାଈ,ମଇଁଷି, ଛେଳି, ମେଣ୍ଢା, ଓଟ, ଗଧ,ଓ ଅନ୍ୟ କେତେକ ପଶୁମାନଙ୍କ ଶାବକ ମାନଙ୍କୁ ସ୍ତନ୍ୟପାନରୁ ବଞ୍ଚିତ କରି କ୍ଷୀର ଆହରଣ କରିବା କେତେଦୂର ସମୀଚୀନ ?

ବଳଦ ସୃଷ୍ଟି ସର୍ଜନାର ଏକ ସ୍ୱଭାବିକ ଜୀବ ନୁହେଁ । ମଣିଷ ନିଜର ସ୍ୱାର୍ଥ ପାଇଁ ଏହି ସ୍ୱତନ୍ତ୍ର ପ୍ରଜାତିକୁ ସୃଷ୍ଟି କରିଛି । ଅନେକ ପଶୁମାନଙ୍କୁ ନିଜ ଅକ୍ତିଆରରେ ରଖିବା ଓ ପୋଷା ମନାଇବା ପାଇଁ ସେମାନଙ୍କୁ ଅପରେସନ ମାଧ୍ୟମରେ ଜୈବିକ ସୁଖରୁ ବଞ୍ଚିତ କରାଯାଏ ।

ମହୁମାଛିର କଷ୍ଟଲବ୍ଧ ସଞ୍ଚିତ ମହୁକୁ ମଣିଷ ହିଁ ଲୁଣ୍ଠନ କରେ । ମାତ୍ର ୪୫ ଦିନ ବଞ୍ଚୁଥିବା କର୍ମୀ ମହୁମାଛି ଟିଏତାର ପରବର୍ତ୍ତୀ ପିଢ଼ି ପାଇଁ ୯୦ ଦିନର ଖାଦ୍ୟ ସଂଚୟ କରିଥାଏ ।

ଛେଳି,ମେଣ୍ଢା, ଘୁଷୁରୀ, କୁକୁଡ଼ା, ଓ ଆଉ କେତେକ ଜୀବଜନ୍ତୁ ସେମାନଙ୍କ ସ୍ୱଭାବିକ ଜୀବନ କାଳ ଭୋଗ କରିପାରନ୍ତି ନାହିଁ । ଗୋଟିଏ ପରେ ଗୋଟିଏ ଛେଳିକୁ ନିର୍ମମ ଭାବେ ହତ୍ୟା କରା ଯାଉଥିବା ଦୃଶ୍ୟ ଦେଖି ଅନ୍ୟମାନେ ବିକଳ କ୍ରନ୍ଦନ କରନ୍ତି । ବେଳେବେଳେ ଗର୍ଭଧାରଣ କରିଥିବା ପଶୁକୁ ମଧ ବଧ କରାଯାଏ ।

ମୁକ୍ତ ଆକାଶର ବିହଙ୍ଗକୁ ମଣିଷ ନିଜର ସୌଖିନ ଅଭ୍ୟାସ ପାଇଁ ପଞ୍ଜୁରୀ ଭିତରେ ସାରା ଜୀବନପାଇଁ ବନ୍ଦୀକରି ରଖେ । ମଣିଷ ଖାଉଥିବା ଅଣ୍ଡାରେ ଏକ ପକ୍ଷୀ ଶାବକର ଭ୍ରୁଣ ସୁରକ୍ଷିତ ଥାଏ

ଜୈବ ବିବିଧତା ପ୍ରକୃତିର ଏକ ସ୍ୱଭାବିକ ଧର୍ମ ଓ ସମସ୍ତଙ୍କ ବଞ୍ଚିବାର ସମାନ ଅଧିକାର ରହିଛି ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

### ଖରାଦିନ ପାଇଁ ପ୍ରସ୍ତୁତ କରନ୍ତୁ

# ଦହି, ପିଆଜ ରାଇତା



ଆଜିକାଲି ତାତିରୁ ଅତିଷ୍ଠ ସମସ୍ତେ ନିଜ ମେନ୍ୟୁରେ କିଛି ଥଣ୍ଡା ଥଣ୍ଡା ଖାଇବାକୁ ଭଲ ପାଉଛନ୍ତି। ତେଣୁ ଲଞ୍ଚରେ ପ୍ରାୟତଃ ସମସ୍ତେ ପ୍ଲେଟରେ ରାଇତା ଦେଖିବାକୁ ମିଳୁଛି । ତେବେ ଜାଣିଛନ୍ତି ପିଆଜ,ଦହିରୁ ପ୍ରସ୍ତୁତ ଏହି ରାଇତା ପାଟିକୁ ଖୁବ୍ ସୁଆଦିଆ ଲାଗୁଥିବା ବେଳେ ଏହାର ବି ଅଛି କିଛି ସାଇଡ ଇଫେକ୍ଟ। ଅତ୍ୟଧିକ ଖାଇଲେ ଭୋଗିବାକୁ ପଡ଼ିପାରେ ଏହାର ପରିଣାମ ।

⇨ ଇମ୍ୟୁନିଟି ସିଷ୍ଟମ- ପିଆଜ ଓ ଦହି ଉଭୟ ସ୍ୱାସ୍ଥ୍ୟ ପାଇଁ ହିତକର। ପିଆଜରେ ଭିଟାମିନ୍ ସି, କ୍ୟାଲସିୟମ, ଆଇରନ, ଫାଇବର ଆଦି ଭରପୂର ମାତ୍ରାରେ ରହିଛି। ଏଥିସହ ଦହିରେ ପ୍ରୋଟିନ, କ୍ୟାଲସିୟମ ଓ ପ୍ରୋବାୟୋଟିକ୍ସ ରହିଛି। ତେଣୁ ଉଭୟ ଦହି ଓ ପିଆଜର ରାଇତା ଖାଇଲେ ପେଟ ସମସ୍ୟା ଦୂର ହେବା ସହ ଇମ୍ୟୁନିଟି ସିଷ୍ଟମ ଠିକ୍ ହୋଇଥଏ।

⇨ ପ୍ରୋଟିନ ସ୍ରୋତ- ଦହିରେ ଭରପୂର ମାତ୍ରାରେ ପ୍ରୋଟିନ ରହିଛି। ଏହା ଶରୀରକୁ ଅନ୍ୟ ପ୍ରୋଟିନ ସ୍ରୋତ ତୁଳନାରେ ହେଲଦି ପ୍ରୋଟିନ ପ୍ରଦାନ କରିଥାଏ।

⇨ ଥଣ୍ଡାପଣ- ଦହିର ଥଣ୍ଡାପଣ ଓ ପିଆଜର ତିଖାପଣ ମିଶିଲେ ରାଇତା ଖରାରେ ବି ଖୁବ୍ ଆରାମ ପ୍ରଦାନ କରିଥାଏ।

⇨ ପୋଷଣରେ ଭରପୂର- ପିଆଜ ଓ ଦହି ଉଭୟ ପୋଷକ ତତ୍ତ୍ୱରେ ଭରପୂର। ପିଆଜରେ ଫାଇବର, ଭିଟାମିନ, ଆଣ୍ଟି ବାୟୋଟିକ୍ସ ଅଛି। ଏଥିସହ ଦହିରେ ପ୍ରୋଟିନ, କ୍ୟାଲସିୟମ ଓ ପୋଷକ ଯୌଗିକ ଅମ୍ଳ ରହିଛି। ତେଣୁ ରାଇତା ଶରୀର ପାଇଁ ଖୁବ ସ୍ୱାସ୍ଥ୍ୟପ୍ରଦ ।

⇨ ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ - ପିଆଜ ଓ ଦହିର ସଂଯୋଗ ପାଚନ ପ୍ରକ୍ରିୟାକୁ ସୁଧାରିଥାଏ। ଦହିର ପ୍ରୋବାୟୋଟିକ୍ସ ଓ ପିଆଜର ଆଣ୍ଟି ଅକ୍ସିଡେଣ୍ଟ ପେଟ ସମସ୍ୟାକୁ ଦୂର କରିବା ସହ ପାଚନ ପ୍ରକ୍ରିୟାରେ ସହାୟକ ହୋଇଥାଏ।

⇨ ଗ୍ୟାସ ଓ ଏସିଡିଟି- କିଛି ଲୋକଙ୍କର ଦହି ଓ ପିଆଜ ଖାଇବା ଦ୍ୱାରା ଗ୍ୟାସ ଓ ଏସିଡିଟି ହୋଇଥାଏ। ମୁଖ୍ୟତଃ ଯେଉଁମାନଙ୍କର ହଜମ ପ୍ରକ୍ରିୟା ଠିକ୍ ଭାବେ ହୁଏନି ସେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି।

⇨ ମେଦବହୁଳତା ସମସ୍ୟା - ଦହିରେ ଭରପୂର ପ୍ରୋଟିନ ରହିଛି। ତେଣୁ ଏହାକୁ ଅଧିକ ପରିମାଣରେ ସେବନ କଲେ ଓଜନ ବଢ଼ିପାରେ। ତେଣୁ ଯେଉଁମାନେ ମେଦବହୁଳତା ସମସ୍ୟା ଭୋଗୁଛନ୍ତି, ସେମାନେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଆଲର୍ଜୀ ସମସ୍ୟା - କିଛି ଲୋକଙ୍କର ପିଆଜ ବା ଦହି ପ୍ରତି ଆଲର୍ଜୀ ରହିଥାଏ। ତେଣୁ ସେମାନେ ଦେଖି ଚାହିଁ ରାଇତା ଖାଇବା ଉଚିତ ।

# ମୁହଁକୁ ସୁନ୍ଦର କରେ କିସ୍‌ମିସ୍

ପ୍ରଥମେ ରାତିରେ ୧ କପ୍ କିସ୍‌ମିସ୍‌କୁ ୧ ଗ୍ଲାସ୍ ପାଣିରେ ଭିଜାଇ ଦିଅନ୍ତୁ। ରାତି ସାରା ଭିଜିବା ପରେ ସକାଳେ ସେଥିରୁ କିସ୍‌ମିସ୍ ସବୁ ବାହାରକରି ଦିଅନ୍ତୁ।

କିସ୍‌ମିସ୍ ପାଣିରେ ୧ ଚାମଚ ଚାଉଳଗୁଣ୍ଡ ସହ ୧ ଚାମଚ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ଗୋଳାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଉଷୁମ ପାଣିରେ ଧୋଇଦିଅନ୍ତୁ। ଅଧା ଗ୍ଲାସ୍ କିସ୍‌ମିସ୍ ପାଣିରେ ଅଧା ଭାଗ ଗୋଲାପ ଜଳ ମିଶାନ୍ତୁ। ଏଥିରେ କିଛି ଲେମ୍ବୁରସ ମିଶାନ୍ତୁ। ଏବେ ଏହି ମିଶ୍ରଣରେ ଅଳ୍ପ ଲେମ୍ବୁରସ ମିଶାଇ ଟୋନର ଭଳି ଲଗାନ୍ତୁ। କିଛିଦିନ ପରେ ତ୍ୱଚା ବହୁତ ସୁନ୍ଦର ଦେଖାଯିବ।

କିସ୍‌ମିସ୍‌ରେ ସ୍କ୍ରବ୍ ତିଆରିକରି ଲଗାନ୍ତୁ। ଏଥିପାଇଁ କସ୍‌ମିସ୍‌କୁ ଗ୍ରାଇଣ୍ଡିଂ କରି ଏଥିରେ କିଛି ଅଲିଭ୍ ଅଏଲ ମିଶାଇ ସ୍କ୍ରବ୍ ଭଳି ସପ୍ତାହକୁ ଥରେ ଲଗାନ୍ତୁ। କିଛିଦିନ ପରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯିବ।

କିସ୍‌ମିସ୍ ପାଣିରେ ଆଇରନ, ଭିଟାମିନ୍ ଓ ମିନେରାଲ ରହିଛି। ତେଣୁ ଏହାର ପାଣିକୁ କେଶ ମୂଳରେ ଲଗାଇଲେ କେଶ ଝଡ଼ିବା ବନ୍ଦ ହେବା ସହ ଉଜ୍ଜ୍ୱଳତା ବଢ଼ିପାରିବ ଓ ଏହା ଶୀଘ୍ର ଧଳା ହେବ ନାହିଁ।ସ୍କିନ୍ ସୁନ୍ଦର କରିବା ପାଇଁ ଏଥିରେ ଆପଣ ଫେସ୍‌ପ୍ୟାକ୍ ବି ତିଆରି କରିପାରିବେ। ଏଥିପାଇଁ ୪ ଚାମଚ କିସ୍‌ମିସ୍ ରାତିରେ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ତିଆରି କରନ୍ତୁ। ଏଥିରେ ମହୁ ଓ ଅଳ୍ପ କିସ୍‌ମିସ୍ ପାଣି ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ। ଏହି ପ୍ୟାକ୍ ଲଗାଇଲେ ମୁହଁରେ ବ୍ରଣ ସମସ୍ୟା ଦେଖାଦେଇ ନ ଥାଏ।





ସ୍କିନ୍‌ର ସବୁ ସମସ୍ୟା ଓ ଇନ୍‌ଫେକ୍‌ଶନ ଦୂରକରିବା ପାଇଁ ଏଥିରୁ ଜେଲ୍ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୬ ଚାମଚ କିସମିସ୍‌କୁ ରାତିରୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଛାଣି ପେଷ୍ଟ ତିଆରି କରନ୍ତୁ। ଏବେ ଏଥିରେ ଆଲୋଭେରା ଜେଲ୍ ଓ ଭିଟାମିନ୍-ଇ କ୍ୟାପ୍ ସୁଲ ମିଶାନ୍ତୁ। ମିଶ୍ରଣକୁ ପତଳା କରିବା ପାଇଁ ଭିଜା ହୋଇଥିବା କିସ୍‌ମିସ୍ ପାଣି ମଧ ବ୍ୟବହାର କରିପାରିବେ। ଏସବୁକୁ ଭଲଭାବେ ମିଶାଇ ଡବାରେ ଭର୍ତ୍ତିକରି ରଖନ୍ତୁ। ପ୍ରତିଦିନ ଏହି ଜେଲ୍ ଲଗାଇବା ଫଳରେ ସ୍କିନ୍‌ରେ ଥିବା ଇନ୍‌ଫେକଶନ ଦୂରହୋଇଥାଏ ଓ ସ୍କିନ୍ ସୁନ୍ଦର ହୋଇଥାଏ।

# ବ୍ଲାଙ୍କେଟ୍ ଅକ୍ଟୋପସ୍

ପ୍ରକୃତିର ଗର୍ଭରେ ଏପରି ଅନେକ ରହସ୍ୟମୟୀ ଏବଂ ଦୁର୍ଲଭ ଜିନିଷ ଲୁଚି ରହିଛି, ଯାହାକୁ ଦେଖି ମନୁଷ୍ୟମାନେ ଆଚମ୍ବିତ ହୋଇଥାଆନ୍ତି। ଅଷ୍ଟ୍ରେଲିଆରେ ଏପରି ଏକ ବିରଳ ଅକ୍ଟୋପସ୍ ଦେଖିବାକୁ ମିଳିଛି। ଚଳିତ ମାସର ପ୍ରାରମ୍ଭରେ ବିଶ୍ୱର ଜଣାଶୁଣା ସାମୁଦ୍ରିକ ଜୀବବିଜ୍ଞାନୀ ଜେସିଣ୍ଟା ଶାକଲଟନ୍ ଏହି ବିରଳ ଅକ୍ଟୋପସ୍‌କୁ ଦେଖିବାକୁ ପାଇଥିଲେ ଓ ଏହାର ଏକ ଭିଡ଼ିଓ ମଧ କରିଥିଲେ। ଅଷ୍ଟ୍ରେଲିଆର ଗ୍ରେଟ୍ ବାରିୟର ରିଫେର ଲେଡି ଇଲିୟଟ୍ ଦ୍ୱୀପ କୂଳରେ ଏହା ଦେଖିବାକୁ ମିଳିଥିଲା। ଏହାର ଶରୀରରେ ଅନେକ ରଙ୍ଗର ମିଶ୍ରଣ ଦେଖିବାକୁ ମିଳେ।



ଶେଷଥର ପାଇଁ ଏହା ଲୋକଲୋଚନକୁ ଆସିଥିଲା। ଏହାର ଲମ୍ବ ୬ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ।

# ମହିଳାଙ୍କ ଶକ୍ତି-ଉଦ୍ୟମ ପରିବାର ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରିଥାଏ



ଭୁବନେଶ୍ୱର (ଭିଓଭି): ଆମ ସରକାର ଓଡ଼ିଶାର ପ୍ରତି ମହିଳାଙ୍କ ବିକାଶ ପାଇଁ ସଠିକ ପରିବେଶ, ସମର୍ଥନ ଓ ସାଧନ ଯୋଗାଇଦେବା ପାଇଁ ପ୍ରତିବଦ୍ଧ ଅଛନ୍ତି। ମହିଳାମାନଙ୍କୁ ଉଦ୍ୟୋଗୀ ଓ ନେତୃତ୍ୱ କ୍ଷେତ୍ରରେ ଆଗକୁ ବଢାଇବା ପାଇଁ ଆମେ ସମସ୍ତ ଉଦ୍ୟମ ଜାରି ରଖିଛୁ। ଆମର ଲକ୍ଷ୍ୟ ହେଉଛି ଲକ୍ଷପତି ଦିଦି କେବଳ ମହିଳାମାନଙ୍କ ଜୀବିକା ନୁହେଁ, ଏହାକୁ ମହିଳାମାନଙ୍କ ଗରିମା ବୃଦ୍ଧି, ସ୍ୱାବଲମ୍ୱନଶୀଳତା ଓ ନେତୃତ୍ୱର ଆନ୍ଦୋଳନ ରୂପେ ପରିଣତ କରିବା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏହା କହିଛନ୍ତି। ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ମିସନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି, ୯୮ ପ୍ରତିଶତ ଲକ୍ଷପତି ଦିଦି ସୃଷ୍ଟି କରି ନୟାଗଡ଼ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି। ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ମାର୍ଗ ପ୍ରସ୍ତୁତ କରିଛି। ଏହା କେବଳ ରୋଜଗାରର କଥା ନୁହେଁ। ପରନ୍ତୁ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିର ଏହି ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ହେଉଛି ଆମର ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ମହିଳାମାନଙ୍କ ଶକ୍ତି ଓ ଉଦ୍ୟମ ପରିବାର ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରିଥାଏ। ଲକ୍ଷପତି ଦିଦି ଯୋଜନା କେବଳ ଏକ କଲ୍ୟାଣକାରୀ ଯୋଜନା ନୁହେଁ, ଏହା ହେଉଛି ଏକ ସମାବେଶୀ ଓ ସ୍ଥାୟୀ ବିକାଶର ରଣନୀତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ମହିଳାଙ୍କର ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୀତିକ କ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମରେ ୩୩ ପ୍ରତିଶତ ମହିଳା ଲୋକସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଓଡ଼ିଶା ଲକ୍ଷପତି ଦିଦି ମିସନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ଆଜି ଓଡ଼ିଶା ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିସନ ଶକ୍ତି ଏବଂ ଓଡିଶା ଜୀବିକା ମିସନର ଆନ୍ତରିକତା ଓ ତୃଣମୂଳସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି। ସେ ଆହୁରି କହିଥିଲେ, ଓଡ଼ିଶାର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଉପଲବ୍ଧ କରାଯାଉଛି। ରିଭଲଭିଂ ଫଣ୍ଡ ସହାୟତାକୁ ୧୫ ହଜାର ଟଙ୍କାରୁ ବଢ଼ାଇ ୩୦ ହଜାର ଟଙ୍କାକୁ କରାଯାଇଛି। କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡକୁ ବଢାଇ ୩୫ ଲକ୍ଷ ଟଙ୍କାରୁ ୬୦ ଲକ୍ଷ ଟଙ୍କାକୁ କରାଯାଇଛି। ଏହା ଦ୍ୱାରା ଏସଏଚ୍‌ଜି ସଦସ୍ୟାମାନେ ନିଜ ବ୍ୟବସାୟ ଓ ଜୀବିକାକୁ ଆତ୍ମ ବିଶ୍ୱାସର ସହ ଆଗକୁ ନେଇ ପାରୁଛନ୍ତି। ସୁଭଦ୍ରା ଶକ୍ତି ମେଳା ମାଧ୍ୟମରେ ଏସ୍ ?ଏଚ୍ ?ଜିମହିଳାମାନେ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରି ନିଜର ପରିଚୟ ସୃଷ୍ଟି କରିବା ସହିତ ଆତ୍ମବିଶ୍ୱାସ ବଢ଼ାଇ ପାରୁଛନ୍ତି। ଆମର ସୁଭଦ୍ରା ଶକ୍ତି କାଫେ ଏକ ନୂଆ ଜୀବିକା ମଡେଲ୍ ଭାବେ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଏସ୍‌ଏଚ୍‌ଜିମହିଳାମାନେ ବଡ ବଡ କାଫେ ଚଳାଉଛନ୍ତି। ଆମ ମହିଳା ମାନଙ୍କ ନିଷ୍ଠା ଓ କଠିନ ପରିଶ୍ରମ ବର୍ତ୍ତମାନ ବ୍ୟବସାୟ ଜରିଆରେ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ କରୁଛି।

## ଓବିସି ସଂରକ୍ଷଣ ନେଇ ବିଜେଡି କୁମ୍ଭୀର କାନ୍ଦଣା କାନ୍ଦୁଛି : ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ



ଭୁବନେଶ୍ୱର, (ଭିଓଭି): ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ନେଇ ବୈଷୟିକ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ବିଜୁ ଜନତା ଦଳ ହାତରେ ୨୫ ବର୍ଷର କ୍ଷମତା ଥିଲା। ଓବିସି ବର୍ଗଙ୍କ ସଂଖ୍ୟା ରାଜ୍ୟରେ ଅଧିକ। ଯାହାଙ୍କୁ ସାମାଜିକ ନ୍ୟାୟ ଦେବାରେ ବିଜେଡି ସରକାର ବିଫଳ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଉପରେ ସୁ ବିଚାର କରିଛନ୍ତି । ଉଚ୍ଚଶିକ୍ଷା କ୍ଷେତ୍ରରେ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ ଓବିସିଙ୍କୁ ସଂରକ୍ଷଣ ଦେବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଏହା ଉପରେ ଅନୁଧ୍ୟାନ କରାଯାଉଛି। ଖୁବଶୀଘ୍ର ଏନେଇ ପଦକ୍ଷେପ ନିଆଯିବ । ଏନେଇ ତତ୍କାଳୀନ ବିଜେଡି ସରକାରକୁ କେନ୍ଦ୍ର ମନ୍ତ୍ରୀ ବାରମ୍ବାର ଚିଠି ଲେଖିଥିଲେ । ଓବିସି ବର୍ଗଙ୍କୁ ସାମାଜିକ ନ୍ୟାୟ ଦେବାକୁ ସେ ଅନୁରୋଧ କରିଥିଲେ। ବିଜେଡି ସରକାର ଓବିସି ବର୍ଗଙ୍କୁ ନ୍ୟାୟ ଦେଇନଥିଲେ । ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଯାହା ହାସ୍ୟାସ୍ପଦ କଥା । ବିଜେପି ଲୋକଙ୍କ ସରକାର । ସବୁ ବର୍ଗର ଲୋକଙ୍କ ଆଗକୁ ନେବାକୁ ଆମ ସରକାର ଚିନ୍ତା କରୁଛନ୍ତି ।

## ବାଣପୁର ପଞ୍ଚାୟତ ସମିତିର ବୈଠକରେ ଯୋଗଦେଲେ ଆଇନ ମନ୍ତ୍ରୀ



ଚିଲିକା (ଭିଓଭି): ରାଜ୍ୟର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦିନ ବାଣପୁର ପଂଚାୟତ ସମିତିର ପଂଚମ ସାଧାରଣ ବୈଠକରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଜଳ ଯୋଗାଣ ଓ ପରିମଳ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ମତ୍ସ୍ୟ ଚାଷ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ, ମନରେଗା ଓ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ସେ ଏହି ଅବସରରେ ଆଗାମୀ ଦିନରେ ଆଳୁ ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ବାଣପୁର ଅଂଚଳରେ ଚାଷୀଙ୍କୁ ଉତ୍ସାହିତ ଓ ତାଲିମ୍ ପ୍ରଦାନ କରି ଆଳୁ ଚାଷ ନିମନ୍ତେ ଉଦ୍ୟମ କରିବା ପାଇଁ ଆଗାମୀ ୧୫ ଦିନ ମଧ୍ୟରେ ସଂପୂର୍ଣ୍ଣ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିବା ପାଇଁ କୃଷି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆମ ଅଂଚଳର ଚାଷୀ ଭାଇ-ଭଉଣୀମାନଙ୍କ ଉତ୍ପାଦିତ ଖାଦ୍ୟଶସ୍ୟର ରପ୍ତାନୀ ବୃଦ୍ଧି କରିବା, ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ ଅଭାବୀ ବିକ୍ରିକୁ ରୋକିବାର ଲକ୍ଷ୍ୟ ନେଇ ବାଣପୁର ଅଂଚଳରେ ଏକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ନିଷ୍ପତି ନିଆଯାଇଥିବା ସେ ପ୍ରକାଶ କରିଛନ୍ତି । ବାଣପୁର ଅଂଚଳର ବିଭିନ୍ନ ଗ୍ରାମରେ ସୌନ୍ଦର୍ଯ୍ୟ ଓ ସୁଗନ୍ଧ ବିତରଣ କରୁଥିବା ଗେଣ୍ଡୁଫୁଲ, ମଲ୍ଲି ଫୁଲ ଚାଷ ପାଇଁ ଉପଯୁକ୍ତ ତାଲିମ୍ ପ୍ରଦାନ ସହ ଉନ୍ନତ ପ୍ରଣାଳୀରେ ଚାଷ ପାଇଁ ପ୍ରତ୍ୟେକ ଚାଷୀ ମାନଙ୍କୁ ପରାମର୍ଶ ଦେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକ ଅବସରରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବ୍ଲକ ବିଡ଼ିଓ ଶୀତଳ ଅଗ୍ରୱାଲ, ତହସିଲଦାର ଟି.ପଦ୍ମନାଭ ଦୋରାଙ୍କ ସମେତ ସରପଂଚ, ସମିତି ସଭ୍ୟ/ସଭ୍ୟା, ଜିଲ୍ଲାପରିଷଦ ସଭ୍ୟାଙ୍କ ସମେତ ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

## କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର: ମନମୋହନ ସାମଲ



ଭୁବନେଶ୍ୱର,(ଭିଓଭି): ମୋଦି ସରକାରଙ୍କ ୧୧ ବର୍ଷର ଶାସନ ଭିତରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ କ୍ୱିଂଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଓ ଗ୍ରେଡ୍ ଏ ଧାନ ର ମୂଲ୍ୟ ୨୩୮୯ କରାଯିବା ନିଷ୍ପତି ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେହିପରି କେନ୍ଦ୍ରୀୟ କ୍ୟାବିନେଟ ବୈଠକରେ ଚାଷୀଙ୍କ ପାଇଁ ସୁଧ ରିହାତି ବଜାୟ ରଖିବା ପାଇଁ ନିଷ୍ପତି ନିଆଯାଇଛି। ଦେଶରେ ୭.୭୫ କୋଟିରୁ ଅଧିକ ଚାଷୀ କିଷାନ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ ଥିବାବେଳେ ସେମାନଙ୍କୁ ବିନା କୌଣସି ଗ୍ୟାରେଂଟିରେ ମାତ୍ର ୪ପ୍ରତିଶତ ସୁଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହା କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କ ପାଇଁ ଏକ ବଡ ଲାଭ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଆଜି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୭ଗୋଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଯାଇଛି। କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର। ଆଜିର ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଓଡ଼ିଶାର ପ୍ରମୁଖ ଫସଲ ଧାନ ହୋଇଥିବାରୁ ଏହାର ଫାଇଦା ଓଡ଼ିଶାର ଚାଷୀମାନେ ଭରପୁର ନେବେ। ଆଜିର ଏହି ନିଷ୍ପତି ଫଳରେ ଧାନର ଏମଏସପି ୬୯ଟଙ୍କା ବୃଦ୍ଧି କରାଯାଇ କ୍ୱିଂଟାଲ ପିଛା ୨୩୬୯ ଟଙ୍କା ଏବଂ "ଏ" ଗ୍ରେଡ ଧାନର ମୂଲ୍ୟ କ୍ୱିଂଟାଲ ପିଛା ୨୩୮୯ ଟଙ୍କା ହୋଇଛି। ସେହିପରି ହରଡ ଡାଲି କ୍ୱିଂଟାଲ ପିଛା ୪୫୦ ଟଙ୍କା ବୃଦ୍ଧି ହୋଇ ୮୦୦୦ ଟଙ୍କା, ମୁଗ କ୍ୱିଂଟାଲ ପିଛା ୮୬ ଟଙ୍କା ବୃଦ୍ଧି ୮୭୬୮ ଟଙ୍କା, ଚିନା ବାଦାମ କ୍ୱିଂଟାଲ ପିଛା ୪୮୦ ଟଙ୍କା ବୃଦ୍ଧି ୭୨୬୩ ଟଙ୍କା, ସୂର୍ଯ୍ୟମୁଖୀ ବୀଜ ଏମଏସପିରେ ୪୪୧ ଟଙ୍କା ବୃଦ୍ଧି କରାଯାଇ ୭୭୨୧ ଟଙ୍କା, ଜଓ୍ୱାର (ହାଇବ୍ରିଡ୍) କ୍ୱିଂଟାଲ ପିଛା ୩୨୮ ଟଙ୍କା ବୃଦ୍ଧି ହୋଇ ୩୬୯୯ ଟଙ୍କା, ଜଓ୍ୱାର (ମାଲଦାଣ୍ଡି) କ୍ୱିଂଟାଲ ପିଛା ୩୨୮ ଟଙ୍କା ବୃଦ୍ଧି ହୋଇ ୩୭୪୯ ଟଙ୍କା, ବାଜରା କ୍ୱିଂଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ୨୭୭୫ ଟଙ୍କା, ରାଗୀ କ୍ୱିଂଟାଲ ପିଛା ୫୯୬ ଟଙ୍କା ବୃଦ୍ଧି ୪୮୮୬ ଟଙ୍କା, ମକା କ୍ୱିଂଟାଲ ପିଛା ୧୭୫ ଟଙ୍କା ବୃଦ୍ଧି ୨୪୦୦ ଟଙ୍କା, ସୋୟାବିନ କ୍ଷେତ୍ରରେ ୪୩୬ ଟଙ୍କା ବୃଦ୍ଧି କରାଯାଇ ୫୩୨୮ ଟଙ୍କା, ରାଶି କ୍ଷେତ୍ରରେ ୫୭୯ ଟଙ୍କା ବୃଦ୍ଧି କରାଯାଇ ୯୮୪୬ ଟଙ୍କା, ନାଇଜରସିଡ କ୍ଷେତ୍ରରେ ୮୨୦ଟଙ୍କା ବୃଦ୍ଧି କରାଯାଇ ୯୫୩୭ ଟଙ୍କା, ମଧ୍ୟମ ଆକାର କପାର ଏମଏସପି ୫୮୯ ଟଙ୍କା ବୃଦ୍ଧି କରାଯାଇ ୭୭୧୦ ଏବଂ ଲମ୍ବା କପାର ଏମଏସପି ୫୮୯ ଟଙ୍କା ବୃଦ୍ଧି କରାଯାଇ ୮୧୧୦ ଟଙ୍କା କରାଯାଇଛି । ଅନ୍ୟାନ୍ୟ ଫସଲ ଏବଂ ଡାଲି ଜାତୀୟ ଶସ୍ୟ ପାଇଁ ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ କହିଛନ୍ତି।

## ସଂ ପା ଦ କୀ ୟ

# କଡା ଅଫିସର

ଆଶ୍ଚର୍ଯ୍ୟ ଚକିତ କରିଦେବା ଭଳି ଖବର ସବୁ ଏବେ ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି। ସାଧାରଣ କିରାଣୀ ଠାରୁ ଆରମ୍ଭ କରି ଅଫିସରମାନଙ୍କ ଘରୁ ଭିଜିଲାନ୍ସ ଚଢାଉ ବେଳେ ଆଖିଖୋସି ହୋଇଯିବା ଭଳି କୋଟିକୋଟି ନଗଦ ଟଙ୍କା ଜବତ ହେଉଛି। ଚଢ଼ାଉ ଓ ଜବତ ବେଳେ ନିଜକୁ ବଞ୍ଚାଇବା ପାଇଁ କିଏ ପାଇଖାନା ଭିତରେ ତ କିଏ ଝରକା ଦେଇ ବାହାରକୁ ଟଙ୍କା ବିଡା ଫିଙ୍ଗିବା ଭଳି ଅଭାବନୀୟ ଘଟଣା ଶୁଣିବାକୁ ମିଳୁଛି। ସରକାରୀ କଳ ଓ ବାବୁମାନେ କେମିତି କାମ କରୁଛନ୍ତି ଏହି ଗୋଟିଏଗୋଟିଏ ଦୃଷ୍ଟାନ୍ତରୁ ସ୍ପଷ୍ଟ ପ୍ରମାଣ ମିଳୁଛି। କିଏ ଧରା ପଡୁଛି ତ କିଏ ଧରା ନପଡ଼ି ସବୁକିଛି ମ୍ୟାନେଜ୍ କରି ଦେଉଛି। ଏକଥା ସ୍ପଷ୍ଟ ଯେ ସରକାରଙ୍କ ଠାରୁ ଦରମା ପାଇ ଆମ ସରକାରୀ ଚାକିରିଆମାନେ ନିଷ୍ଠାର ସହ କାମ କରୁନାହାନ୍ତି। ୧ ୯ ୯ ୩ ମସିହା ବେଳର କଥା। ସ୍ପୋର୍ଟସ ଓ ଯୁବ ବିଭାଗର ନିର୍ଦ୍ଦେଶକ ଥାଆନ୍ତି ସେତେବେଳର ଆଇ.ପି.ଏସ୍ ଅଫିସର ଅନାଦି ସାହୁ। ମୁଁ ସେତେବେଳେ ସ୍ନାତକ ପାସ କରି ଗାଆଁ ଓ ନିକଟ ଅଞ୍ଚଳରେ କିଛି ଅନୁଷ୍ଠାନ ଓ କ୍ଲବ୍ ସହ ଜଡ଼ିତ ଥାଏ। ଆମ ଗାଆଁ କ୍ଲବ୍ ପାଇଁ ରାଜା ରାମ ମୋହନ ରାୟ ଲାଇବ୍ରେରୀ ସ୍କିମ୍'ରେ ଏକ ଅନୁଦାନ ପାଇଁ ସରକାରଙ୍କ ପାଖରେ ଆବେଦନ କରିଥାଉ। ଆବେଦନର ସ୍ଥିତି ବିଷୟରେ ଜାଣିବା ପାଇଁ ଦିନେ ମୁଁ ଭୁବନେଶ୍ୱର ଆସି ଆଠ ନମ୍ବର ପାଖରେ ଥିବା ସେହି ଅଫିସ୍'କୁ ଯାଇଥଲି। ଆମ ଆବେଦନର ସ୍ଥିତି ବିଷୟରେ କାହାଠାରୁ କିଛି ଜାଣି ପାରିଲି ନାହିଁ।ଅଫିସରେ ଥିବା ଜଣେ ପିଅନକୁ ଏଠାର ମୁଖ୍ୟ କିଏ ବୋଲି ପଚାରିବାରୁ ସେ ସିଧା ଗୋଟିଏ କୋଠରୀ ଆଡ଼କୁ ଆଙ୍ଗୁଳି ଦେଖାଇଲା, ଆଉ କହିଲା ଆପଣ ତାଙ୍କ ପାଖକୁ ଯିବେ ନା କଣ ? ସାର୍ ଭାରି କଡା ଅଫିସର। ତାଙ୍କ ପାଖକୁ ଯାଆନ୍ତୁ ନାହିଁ। ପଇସା ଖର୍ଚ୍ଚ କରି ଆସିଥିବାରୁ ଆଉ ମନ ଭିତରେ ସାହସ ଥିବାରୁ ମୁଁ ଭୟ ନରଖି ସିଧା ସାର୍ ବସୁଥିବା କୋଠରୀ ଭିତରକୁ ଗଲି। ଏକଦମ୍ ପ୍ରଭାବିତ କଲା ଭଳି ଆକର୍ଷଣୀୟ ଚେହେରା ଅନାଦି ସାହୁ ସାର୍‌ଙ୍କର। ମୋତେ ଦେଖି, ଆସିବାର ଉଦ୍ଦେଶ୍ୟ ଶୁଣି ସେ ପୋଲିସ୍ ଅଫିସରିଆ ଠାଣିରେ ଅନେକ ପ୍ରଶ୍ନ ପଚାରିବାକୁ ଆରମ୍ଭ କଲେ। ତୁମେ ରଣପୁରରୁ କେମିତି ଆସିଛ ? ଯିବା ଆସିବା ବସ ଖର୍ଚ୍ଚ କେତେ ? ଏଠାରେ ଆସି କୋଉଠି ଖାଇଲ ? ଖାଇବା ଖର୍ଚ୍ଚ କେତେ। ଟାଉନ୍ ବସ ଖର୍ଚ୍ଚ କେତେ ? ସମସ୍ତ ଖର୍ଚ୍ଚ ମୁହେଁ ମୁହେଁ ହିସାବ କରି ମିଶାଇ ଦେଇ କହିଲେ ଆଚ୍ଛା ତା'ହେଲେ ତୁମେ ଆଜି ଏହି କାମ ପାଇଁ ଆସି ଗୋଟିଏ ଦିନ ନଷ୍ଟ କରି ୪୫ ଟଙ୍କା ଖର୍ଚ୍ଚ କରିବ। (ଯିବା ଆସିବା ବସ ଭଡା ୨୪ଟଙ୍କା, ଖିଆପିଆ ଖର୍ଚ୍ଚ ୧୨ଟଙ୍କା, ଟାଉନ୍ ବସ ଓ ଅନ୍ୟାନ୍ୟ ୯ଟଙ୍କା)। ରଣପୁର ଫେରିବା ପାଇଁ ଶେଷ ବସର ସମୟ ସନ୍ଧ୍ୟା ୫.୩୦ ବୋଲି ଶୁଣିଦେଇ ନିଜ ଟେବୁଲ୍ ଉପରେ ଥିବା କଲିଂ ବେଲ୍ ମାରି ନିର୍ଦ୍ଦିଷ୍ଟ ବିଭାଗର ଜଣେ କିରାଣିଙ୍କୁ ଡାକି କଡା ନିର୍ଦ୍ଦେଶ ଦେଇଥିଲେ। କିରାଣି ବାବୁଙ୍କୁ ସେ କହିଥିଲେ ବର୍ତ୍ତମାନ ସମୟ ହେଲା ଦିନ ୩ଟା ଆଉ ଏ ବାବୁଙ୍କ କ୍ଲବ୍ ପାଇଁ ନିଷ୍ପତି ହୋଇଥିବା ପୁସ୍ତକ କିଣା ବାବଦ ଅନୁଦାନ ଚେକ୍'ଟି ପ୍ରସ୍ତୁତ କରି ଅଧଘଣ୍ଟା ଭିତରେ ମୋ ଟେବୁଲ୍'କୁ ପଠାଇ ଦିଅ। କାରଣ ଏହି ବାବୁ'ଙ୍କର ଫେରିବା ପାଇଁ ଶେଷ ବସ ଅଛି ସଂଧ୍ୟା ୫.୩୦ରେ। ସାର୍‌ଙ୍କ କଡା ନିର୍ଦ୍ଦେଶ ଅନୁଯାୟୀ ଚେକ୍ ଲେଖାହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚିଗଲା। ସାର୍ ସେଦିନ ଖାଇବାକୁ ନଯାଇ ନିଜ ରୁମରେ ଚା ଓ ବିସ୍କୁଟ୍ ଖାଇ ମୋ କାମଟିକୁ ତ୍ୱରାନ୍ୱିତ କରି ସାରିଦେଇଥିବାରୁ ମୋର ତାଙ୍କ କର୍ତ୍ତବ୍ୟପରାୟଣତା ସାମ୍ନାରେ ମଥାନତ ହୋଇଯାଇଥିଲା। ସେଦିନ ଚେକ୍'ଟିକୁ ମତେ ଧରାଇଦେଇ ସାର୍ କହିଥିଲେ ତୁମେ ଯଦି ଏହି କାମ ପାଇଁ ଆଉଥରେ ଆସିଥାନ୍ତ ତେବେ ପୁଣିଥରେ ୪୫ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥନ୍ତା। ଆଉ ତୁମର ଗାଁକୁ ଫେରିବା ପାଇଁ ଶେଷ ବସ ସମୟ ସଂଧ୍ୟା ୫.୩୦ ହୋଇଥିବାରୁ ମୁଁ ଆଜି ହିଁ ତୁମ କାମଟି କରାଇଦେଲି। ଏବେ ତୁମେ ଯାଅ, ଆଉ ସମାଜ ମଙ୍ଗଳ ପାଇଁ ନିଜ ଦ୍ୱାରା ଯେତିକି ସମ୍ଭବ ସେତିକି ଭଲ କାମ କର। ସତରେ ସେହିଦିନ ଠାରୁ ସାରଙ୍କ କଥା ମୋ ମନ ଭିତରେ ରହିଯାଇଛି ଆଉ ଯଥାସମ୍ଭବ ତାକୁ ନିଭାଇବା ପାଇଁ ସର୍ବଦା ଚେଷ୍ଟା କରୁଛି। ସେଦିନ ଅଫିସ୍'ରେ ପିଅନ ଜଣଙ୍କ କହିଥିବା କଡା ଅଫିସର କଥାଟି ଶତ ପ୍ରତିଶତ ଠିକ୍। ସେ ବାହାରୁ ଆସୁଥିବା ସାଧାରଣ ଲୋକଙ୍କ ପାଇଁ କଡ଼ା ଅଫିସର୍ ନଥିଲେ ସେ ଥିଲେ ନିଜ କାମ ପାଇଁ ଜଣେ କଡା କର୍ମଚାରୀ। ସରକାରଙ୍କର ଜଣେ ବେତନପ୍ରାପ୍ତ କର୍ମଚାରୀ ହିସାବରେ, ସାଧାରଣ ଲୋକଙ୍କ ପାଇଁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ କଡାକଡି ପାଳନ କରୁଥିଲେ। ଆଜିକାଲି ସେସବୁ ନୀତି ଆଦର୍ଶ ଆଉ ଦେଖିବାକୁ ମିଳୁନାହିଁ। ସବୁ ସରକାରୀ କର୍ମଚାରୀମାନଙ୍କୁ ମୋର ଅନୁରୋଧ, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିବା ସହିତ ସାଧାରଣ ଲୋକଙ୍କ ପାଇଁ ଟିକେ ଦୟାଶୀଳ ହୁଅନ୍ତୁ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ରାଜରାସ୍ତାରେ ଗୋମାତା, ଅସୁରକ୍ଷିତ ଜୀବନ !



ପ୍ରଦୋଷ କୁମାର ଦାସ

ଗାଈ ଆମର ଗୃହପାଳିତ ପ୍ରାଣୀ । ଯାହାର ଗୋରସ ଆମ ସମସ୍ତଙ୍କ ପାଇଁ ଅମୃତ ସମାନ। ହିନ୍ଦୁ ଧର୍ମ ଶାସ୍ତ୍ରାନୁସାରେ ଓ ସନାତନୀଙ୍କ ପାଇଁ ମାତୃସମା ଏହି ଗୋସମ୍ପଦ ଆମର ଗୋମାତା ରୂପେ ପୂଜିତା। ତେବେ ମୂକ ସମାନ ପ୍ରତିବାଦ ଶୂନ୍ୟ ଏହି ନିରୀହ ପ୍ରାଣୀ ଟିର ଭୂମିକା କୃଷି କାର୍ଯ୍ୟ ପାଇଁ ଅନସ୍ୱୀକାର୍ଯ୍ୟ। ଯାହାର ମଳମୁତ୍ର ପବିତ୍ରମୟ। ଯାହାର ବ୍ୟବହାର ଫସଲ ଉପୁଜାଇବାରେ ମାଟିକୁ ଉର୍ବରା କରିବାର କାରଣ ହୋଇଥାଏ। ସ୍ୱାର୍ଥନ୍ୱେଷୀ ମଣିଷର ଅବିବେକିତା ପାଇଁ ଗୋମାତା ଏବେ ସବୁଠାରେ ଗୃହ ତେଜ୍ୟ। ଏହି ଅସହାୟ ପ୍ରାଣୀ ପ୍ରାୟ ସବୁ ଅଞ୍ଚଳରେ କ୍ଷୁଧା ଜର୍ଜରିତ ଏକ ପ୍ରକାର ଦୁର୍ବିସହ ଜୀବନ ବିତାଉଥିବା ବେଳେ କାହାର ଏଥିପାଇଁ ଗଠନ ମୂଳକ ସମାଧାନ ପାଇଁ ଟିକେ ମାତ୍ର ଚିନ୍ତା ଓ ସଚେତନତା ନାହିଁ କହିଲେ ଚଳେ। ପରିସ୍ଥିତି ଆଗକୁ ନସୁଧୁରିଲେ ହୁଏତ ଏହି ନିରୀହ ପ୍ରାଣୀ ଟି ଯେ ଦିନେ ଆମ ସମସ୍ତଙ୍କର ଏକ ଗୃହପାଳିତ ପ୍ରାଣୀ ଥିଲା ବୋଲି ପୁସ୍ତକ ରୁ ଜ୍ଞାତ ହେବାକୁ ପଡିବ। ଦୁଃଖ ଲାଗୁଛି, ଗୋବଂଶ ରକ୍ଷା ଓ ସେମାନଙ୍କ ସୁରକ୍ଷା ପାଇଁ ଅନେକ ଗୋସୁରକ୍ଷା କମିଟି ଓ ଭଳିକି ଭଳି ଗୋସେବା ପରିଷଦ ତ୍ୱିତୋଫାନ କରିବାରେ ଲାଗିଛନ୍ତି। ଗୋସୁରକ୍ଷା ପାଇଁ ନିଜର କର୍ତ୍ତବ୍ୟୋଧତାକୁ ପ୍ରମାଣିତ କରିବାକୁ ବୃଥା ଆସ୍ଫାଳନ କରି ନିଜକୁ ଅଗ୍ରଣୀ ହିନ୍ଦୁ ଓ ସନାତନୀ ବୋଲି କହିବାକୁ ଦାବି ମଧ୍ୟ ରଖୁଛନ୍ତି। ଗୋ ଅଭୟାରଣ୍ୟ ସ୍ଥାପନ ଯୋଜନାରେ ପଞ୍ଚାୟତ ଓ ବିଭିନ୍ନ ବ୍ଲକରେ ସରକାରଙ୍କ ତହବିଲରୁ କୋଟି କୋଟି ଅର୍ଥ ବ୍ୟୟବରାଦ ହୋଇ ବିନିଯୋଗ ମଧ୍ୟ ହେଉଛି। ହେଲେ ଆଜି ଗୋମାତାଙ୍କୁ ଆଶ୍ରୟ ମିଳୁନାହିଁ। ଅନେକ କ୍ଷେତ୍ରରେ ସବୁ କାଗଜ କଲମରେ ଚାଲିଥିବା ଅଭିଯୋଗ ହେଉଛି। ବୁଲା ଜନ୍ତୁ ବୋଲି ବେପରୁଆ ମନୋଭାବ ଯୋଗୁଁ ଗୋ ଅଭୟାରଣ୍ୟ ଖାଲି ପଡ଼ିଥିବା ବେଳେ ଗାଈଗୋରୁଙ୍କ ଭିଡ଼ ରାଜ ରାସ୍ତା ରେ ଦେଖିବାକୁ ମିଳୁଛି।

ଦିନ ଥିଲା ପ୍ରାୟ ପରିବାରରେ ଗାଈଗୋରୁଙ୍କ ପାଳନ ହେଉଥିଲା। ପ୍ରତି ପରିବାରରେ ଦାଣ୍ଡ ଖରାରେ ଗାଈ ଗୁହାଳ ରହିଥିଲା। ଗାଈଗୋରୁଙ୍କ ନିୟମିତ ଚାରଣ ପାଇଁ ଗାଁ ଜଗାଳିଙ୍କୁ ବାର୍ଷିକ ବର୍ତ୍ତନ ଓ ଦରମା ଦେଇ ନିଯୁକ୍ତ କରାଯାଉଥିଲା। ଗୋ ସମ୍ପଦ ପ୍ରତିଟି ହିନ୍ଦୁ ପରିବାରଙ୍କ ପାଇଁ ଆଭିଜାତ୍ୟର ପ୍ରତୀକ ଭାବେ ବିବେଚନା ହେଉଥିଲା। ଅକସ୍ମାତ ଯେଉଁ ସନ୍ଧ୍ୟାରେ ଗୃହପାଳିତ ଗାଈଗୋରୁଟିଏ ଗୁହାଳକୁ ଫେରୁନଥିଲେ, ସେହି ରାତିରେ ଗୃହ ସୁରଭୀ ଉପବାସ ରହି ନିଜର ଗୃହପାଳିତ ପ୍ରାଣୀ ଟିର ଖୋଜାଲୋଡାରେ ଅଥୟ ହେଉଥିଲା।

ହାୟ, ବାସ୍ତୁବାଦୀ ମଣିଷ ଏହି ଗୃହପାଳିତ ପ୍ରାଣୀ ଟି ପାଇଁ ଉଦ୍ଦିଷ୍ଟ ଗୁହାଳକୁ ରଖିବା ଓ ସେମାନଙ୍କ ପ୍ରତି ଯନ୍ନଶୀଳ ହେବାପାଇଁ ଅଯଥା କର୍ମ ଚାପ ବୋଲି ଚିନ୍ତା କରି ଏବେ ତାର ଗୁହାଳ ଘର ଗୁଡିକୁ ଭାଙ୍ଗି ସାରିଲେଣି। କ୍ଷୀର ଦୁହା ଛାଡ଼ିବାପରେ ଗାଈଙ୍କୁ ଘରୁ ବାହାର କରିଦେବା ପରେ ସେମାନେ ଏବେ ପଲ ପଲ ହୋଇ ରାଜ ରାସ୍ତା ରେ ଦିନ କାଟୁଥିବା ପ୍ରକାଶ। ଫଳରେ ବାସ୍ତୁ ହୀନ ଗାଈଗୋରୁ ଗୃହ ତେଜ୍ୟ ହୋଇ କ୍ଷୁଧା ଜର୍ଜରିତ ଏଠି ସେଠି ମୁହଁ ମାରି ବେତ୍ରାଘାତ ଓ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ମୁଖରେ ପଡୁଥିବାବେଳେ ଅନେକ ଦୁର୍ଘଟଣାଗ୍ରସ୍ତ ଶରୀର ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି।

ଫସଲ କ୍ଷେତରେ ଏହି ଗୋମାତା କ୍ଷୁଧା ନିବାରଣ ପାଇଁ ପଶି ବ୍ୟାପକ ଫସଲ ହାନି ର କାରଣ ହୋଇ ମଣିଷର ମାଡଗାଳି ଖାଇ ଅଯଥା ଉତ୍ତେଜନା ର କାରଣ ହେଉଛନ୍ତି ।

ପ୍ରତି ପଞ୍ଚାୟତରେ ରହିଥିବା ଛୋଟ ଜଙ୍ଗଲ ଓ ଗୋଚର ଜମିକୁ ଅନେକ ମୁଷ୍ଟିମେୟ ଜୋର ଦଖଲ କରିଥିବାରୁ ଏହି ତୃଣଭୋଜୀ ପ୍ରାଣୀ ଟିର ଚାରଣ ଏବେ ଘୋର ସଙ୍କଟରେ ପଡିଛି।

କେତେକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ରାତି ଅନ୍ଧକାରରେ ବିଧର୍ମୀ ମାନେ ରାସ୍ତା ଘାଟରେ ବୁଲୁଥିବା ଏହି ଗାଈଗୋରୁ ଙ୍କୁ ଅପହରଣ କରି କସାଇଖାନାକୁ ବିକ୍ରୟ କରି ମୁନାଫା ହାସଲ କରିବାକୁ ମଧ୍ୟ ପଛାଉ ନାହାନ୍ତି। ସେହିପରି କିଛି ଲୋକ ନିଜ ଅଞ୍ଚଳରେ ଫସଲ ନଷ୍ଟ କରୁଥିବା ଏହି ପରି ବୁଲା ଗାଈଗୋରୁ ଙ୍କୁ ଧରି ଅନ୍ୟ ଅଞ୍ଚଳକୁ ଚୋରାଲୁଚାରେ ସୀମା ପାର କରାଇ ଓଡାଇ ନେଉଥିବା ଅଭିଯୋଗରୁ ପ୍ରକାଶ। ଆଗରୁ ପର ବିଲରେ ପଶି ଫସଲ ନଷ୍ଟ କରୁଥିବା ଗାଈଗୋରୁ ଙ୍କୁ ଧରି ଲୋକେ କାଞ୍ଜିଆ ହୁଦାରେ ଦେଇ ଆର୍ଥିକ ତଣ୍ଡ ରେ ଗାଈମାଲିକଙ୍କୁ ଦଣ୍ଡିତ କରାଇ ଚେତାବନୀ ଦେଉଥିଲେ। ହେଲେ ଏବେ ଚାଲାକ ଗାଈ ମାଲିକ କାଲଞ୍ଜିଆ ହୁଦାରୁ ନିଜ ଗୃହ ପାଳିତ ଗୋରୁଗାଈ ଙ୍କ ଦାୟିତ୍ୱ ବହନ କରିବାକୁ ପଡ଼ିବ ବୋଲି ଆପଣା ମାଲିକାନା ଜାହିର କରୁନାହାନ୍ତି। କାଞ୍ଜିଆହୁଦାରେ ଅଟକ ଗାଈଗୋରୁଙ୍କ ହେପାଜତ ନେବା କାଠିକର ପାଠ ବୋଲି ପୁଣି ସେମାନଙ୍କୁ ରାଜ ରାସ୍ତା ରେ ଛାଡି ଦିଆଯାଇଥାଏ। ବଜାର ଘାଟରେ ମାଳମାଳ ଗାଈଗୋରୁଙ୍କ ଭିଡ଼ ଓ ଉଚ୍ଛିଷ୍ଟ ଖାଦ୍ୟ କଣା ଉଦରସ୍ଥ ପାଇଁ ବ୍ୟାକୁଳତା ପାଇଁ ପରସ୍ପର ମଧ୍ୟରେ ହେଉଥିବା ଟଣା ଓଟରା ଓ ସିସ୍ପଘ ଲଢେଇ ରାସ୍ତାରେ ଯାଉଥିବା ଜନସାଧାରଣଙ୍କ ପାଇଁ ଅଯଥା ଦୁର୍ଘଟଣା ର କାରଣ ହେଉଛି।

ପ୍ରକାଶ ଥାଉକି, ବିଭିନ୍ନ ଏକ୍ସପ୍ରେସ ରୋଡ଼, ଜାତୀୟ ରାଜପଥ ସମେତ, ଓଭର୍ବ୍ରିଜ ତଳ, ବିଭିନ୍ନ ଅଞ୍ଚଳରେ ଅବସ୍ଥିତ ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱ ସମେତ ସଂଲଗ୍ନ ପଥ ସର୍ବ ସାଧାରଣ ଯାତାୟାତ ରାସ୍ତା ତଥା ଗାଁ ଗହଳି ସାଧାରଣ ଯାତାୟାତ ରାସ୍ତାରେ ପଲପଲ ଗାଈଗୋରୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଫଳରେ ବିଭିନ୍ନ ସର୍ବ ସାଧାରଣ ରାଜରାସ୍ତା ଦିନକୁ ଦିନ ଦୁର୍ଘଟଣା ପ୍ରବଣ ହେଉଛି। କେବଳ ସେତିକି ନୁହେଁ, ଗୃହ ପାଳିତ ଗାଈଗୋରୁଙ୍କ ଲାଳନ ପାଳନ ପାଇଁ ଗୋପାଳଙ୍କ ଦାୟିତ୍ୱହୀନତା ଯୋଗୁଁ ଗୃହ ତେଜ୍ୟ ଏହି ଅସହାୟ ପଶୁଯନ୍ତୁମାନେ ଦିନବେଳା ବଜାର ଅଞ୍ଚଳରେ ଘୁରି ବୁଲୁଥିବା ବେଳେ ଅନେକ ସମୟରେ ନିଜ ନିଜ ମଧ୍ୟରେ ସିସ୍ପଘ ଲଢି ପାଖରେ ଯାଉଥିବା ଜନଗହଳି ଉପରକୁ ଦୌଡି ଯାଇ ଅକାରଣେ ଦୁର୍ଘଟଣା ର କାରଣ ହେଉଥିବା ପ୍ରକାଶ। ସେହିପରି ସନ୍ଧ୍ୟା ହୋଇଗଲେ ଓଭର୍ବ୍ରିଜ ତଳ ତଥା ଏହାର ଉଭୟ ପାର୍ଶ୍ୱ ରେ ରହିଥିବା ପାର୍ଶ୍ୱ ପଥରେ ବହୁ ସଂଖ୍ୟାରେ ଗାଈଗୋରୁ ପଲଙ୍କ ଭିଡ଼ ଦେଖିବାକୁ ମିଳେ। ପରିସ୍ଥିତି ଏପରି ହେଉଛି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନଥିବା ଏସବୁ ଅଞ୍ଚଳରେ ଅଜଣା ଅଶୁଣା ଲୋକେ ,ଯାନବାହନ ଆରୋହୀ ରାତି ଅନ୍ଧକାରରେ ହଠାତ୍ ଠଉରାଇ ନପାରି ଏମାନଙ୍କ ସହ ଧକ୍କା ଖାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ସ୍ଥାନ କାଳ ପାତ୍ର ଅନୁସାରେ ଅକାରଣେ ଏହି ପରି ଦୁର୍ଘଟଣାରେ ଯାନବାହାନ ଆରୋହୀ ଓ ସହଯାତ୍ରୀ ଲହୁଲୁହାଣ ହୋଇ ଜୀବନ ମରଣ ସମସ୍ୟା ଭୋଗ କରୁଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଉଛି। ଏତଦବ୍ୟତୀତ ୧୬ ନଂ ଜାତୀୟ ରାଜପଥ ରାସ୍ତା ମଝିରେ ଓ ରାସ୍ତା ମେଡିଆନରେ ଶୋଇ ରହୁଥିବା ବୁଲା ଗାଈଗୋରୁ ଓ ହଠାତ୍ ରାସ୍ତା ମଝିକୁ ଦୌଡି ପଳାଇ ଆସୁଥିବା ଗାଈଗୋରୁଙ୍କ ସକାଶେ ଏ ଅଞ୍ଚଳରେ ନିତି ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି।ମୃତ ଗାଈଗୋରୁଙ୍କ ଶବ ଦିନ ଦିନ ଧରି ୧୬ ନଂ ଜାତୀୟ ରାଜପଥ ଉପରେ ପଡ଼ି ରହୁଥିବାରୁ ଏହା ପରବର୍ତ୍ତୀ ସିରିଜ ଦୁର୍ଘଟଣା ର କାରଣ ମଧ୍ୟ ହେଉଛି। ସ୍ଥାନୀୟ ପୋଲିସ ର ଉଦାସୀନତା ତଥା ଏଚ ଏଆଇ ପାଟ୍ରୋଲିଙ୍ଗ ଟିମ୍ ର ଦାୟିତ୍ୱହୀନତା ଯୋଗୁଁ ମଲା ଗାଈଗୋରୁଙ୍କ ଶବ ରାସ୍ତା ଉପରେ ଦିନ ଦିନ ଧରି ପଡି ପଡି ବର୍ଷାଖରାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। କ୍ଷୀର ଦୁହା ଛାଡ଼ିବାପରେ ନିଜର ଗୃହ ପାଳିତ ଏହି ପ୍ରାଣୀ ଙ୍କ ଆବଶ୍ୟକ ହେପାଜତ ନନେଇ ସେମାନଙ୍କୁ ଗୃହ ତେଜ୍ୟ କରିଦେଉଥିବା ପ୍ରକାଶ। ଏଣୁ ଏହି ସୁବିଧାବାଦୀ ଗୋପାଳଙ୍କୁ ଠାବ କରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ନିବେଦନ ହେଉଛି। ୧୬ ନଂ ଜାତୀୟ ରାଜପଥ ଉପରେ ଯେପରି ଏହି ଗୃହପାଳିତ ନିରୀହ ପଶୁ ଯନ୍ତୁମାନେ ଭିଡ଼ ନଜମାନ୍ତି, ସେଥିପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରିବା ସହ, ପରବର୍ତ୍ତୀ ପଦକ୍ଷେପ ନେବାକୁ ଉଭୟ ସ୍ଥାନୀୟ ପ୍ରଶାସନ ତଥା ଏନ୍ ଏଚ ଏଆଇ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି। ନଚେତ୍ ଏହା ନିତିଦିନିଆ ଦୁର୍ଘଟଣାର କାରଣ ହୋଇ ଅଯଥାରେ ଉଭୟ ନିରୀହ ଗୋମାତା ଓ ସାଧାରଣ ଲୋକଙ୍କ ମୃତ୍ୟୁ ର କାରଣ ନହେଉ। ପ୍ରକାରାନ୍ତରେ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ଅଞ୍ଚଳ ବାସୀଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ଓ ସଚେତନତା ସୃଷ୍ଟି ହେବା ଆବଶ୍ୟକ। ନହେଲେ ଏହି ସମସ୍ୟା ପାଇଁ ପରେ କାହାର ଅକାରଣେ କାହାର ମୁଣ୍ଡ ପରେ ମୁଣ୍ଡ ଗଡିବାକୁ ଏଡାଇ ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଶେଷରେ ଏତିକି କୁହାଯାଇପାରେ, ଗୃହ ପାଳିତ ଗାଈଗୋରୁଙ୍କ ଚାରଣ ଓ ଲାଳନ ପାଳନର ବ୍ୟବସ୍ଥା ପାଇଁ ଯୋଜନା ଭିତ୍ତିକ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ସରକାରୀ ଓ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଏକ ଗଠନମୂଳକ ପନ୍ଥା ଆପଣେଇବାକୁ ଆନ୍ତରିକତା ନିହାତି ଲୋଡ଼ା। ପ୍ରତି ପଞ୍ଚାୟତରେ ଏଥିପାଇଁ ପ୍ରାଣୀ ସମ୍ପଦ ଚିକିତ୍ସା ସେବାକୁ ଯୋଗ୍ୟ ଡାକ୍ତର କର୍ମଚାରୀ ମାନଙ୍କ ଦ୍ୱାରା ପରିଚାଳନା, ପ୍ରତି ଅଞ୍ଚଳରେ ରହିଥିବା ଗୋଚର ଜମିର ପୁନରୁଦ୍ଧାର ସହ ଏଥିରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ପାରସ୍ପରିକ ବୁଝାମଣାରେ ଗୃହ ପାଳିତ ପଶୁଯନ୍ତୁମାନଙ୍କ ଚାରଣ ଭିତ୍ତିକ ଘାସ ଓ ତୃଣାଦିର ବିକାଶ ଯୋଜନା ହାତକୁ ନେବା, ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଗୋ ଅଭୟାରଣ୍ୟ ର ସୁପରିଚାଳନା ପାଇଁ ବିଭାଗୀୟ ସ୍ତରରେ ପଦକ୍ଷେପ ନେବାକୁ ମନିଟରିଙ୍ଗ ହେବା ଆବଶ୍ୟକ। ଗୋସମ୍ପଦ ର ଉପଯୁକ୍ତ ଥଇଥାନ ଲାଗି ସେମାନଙ୍କ ଲାଳନ ପାଳନ ମାଧ୍ୟମରେ ଆର୍ଥିକ ପ୍ରଗତି ସୃଷ୍ଟି ପାଇଁ ଗୋପାଳଙ୍କ ଗୁରୁ ଦାୟିତ୍ୱ ନିର୍ବାହ କରିବା ଜରୁରୀ। ଏଥିରେ ଆବଶ୍ୟକ ସରକାରୀ ପ୍ରୋତ୍ସାହନ ନିମନ୍ତେ ଯୋଜନା ଭିତ୍ତିକ ପଦକ୍ଷେପକୁ ସୁନିଶ୍ଚିତ କରିବା ମଧ୍ୟ ଜରୁରୀ। ଏଥି ପାଇଁ ଗୋସମ୍ପଦ ଉନ୍ନୟନ ବିକାଶ ପରିଷଦ ଗଠନ ମାଧ୍ୟମରେ ସେମାନଙ୍କ ଠାରୁ ଆନୀତ କ୍ଷୀରର ବାଣିଜ୍ୟ ବିକାଶ ପାଇଁ ପ୍ରୋତ୍ସାହନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଜରୁରୀ।,ଫସଲ କ୍ଷେତ, ବିଲ ଜମିରେ ରସାୟନ ସାରର ବିକଳ୍ପ ଭାବେ ଗୋସମ୍ପଦର ଗୋବର ଖତର ବହୁଳ ବ୍ୟବହାର ନିମନ୍ତେ ଗୁରୁତ୍ୱାରୋପ କରି ଏହାର ବଜାର ଭିତ୍ତିକ ବାଣିଜ୍ୟ ବିକାଶ ପାଇଁ ପ୍ରୋତ୍ସାହନର ମଧ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସରକାରୀ ସ୍ତରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯିବା ବିଧେୟ। ଜନ୍ମଦାତ୍ରୀ ମାଆ ସମାନ ଆମର ଗୃହପାଳିତ ପ୍ରାଣୀ ଗୋମାତା ର ସୁରକ୍ଷା ଆମର ଜୈବିକ ଓ କୃଷି ର ବିକାଶ ରେ ଅଙ୍ଗାଙ୍ଗୀ ଜଡ଼ିତ।

ସ୍ତମ୍ଭକାର ନାଚୁଣୀ ଖୋର୍ଦ୍ଧା,
ପିନ୍:- ୭୫୨୦୩୪
ଫୋନ:-୬୩୭୦୪୯୫୯୪୪)
E-mail: pariprakas@gmail.com

## ସରକାରୀ ଚାକିରି କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି ନିଷ୍ପତ୍ତିକୁ ସ୍ୱାଗତ କଲେ ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,(ଭିଓଭି): ସରକାରୀ ଚାକିରି କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି ନିଷ୍ପତିକୁ ସ୍ୱାଗତ କରିଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏନେଇ ଗଣଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟ ବୈଠକରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି ପରି ଐତିହାସିକ ନିଷ୍ପତ୍ତି ନିଆଯାଇଛି । ଆବେଦନ ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି । ୟୁନିଫର୍ମ ସେବା ବ୍ୟତୀତ ଅନ୍ୟ ସମସ୍ତ ସେବାରେ ପ୍ରବେଶ ପାଇଁ ଏହା ଲାଗୁ କରାଯିବ । ଏସସି, ଏସଟି, ପଛୁଆ ବର୍ଗ, ଭିନ୍ନକ୍ଷମଙ୍କ କ୍ଷେତ୍ରରେ ମଧ୍ୟ ବୟସସୀମାକୁ କୋହଳ କରାଯିବ ।

## ବୃନ୍ଦାବନପୁର ପୂଜ୍ୟପୂଜା ସଂସଦ ତରଫରୁ ଶୀତଳଷଷ୍ଠୀ ଉତ୍ସବ ପାଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ





ରଣପୁର (ଭିଓଭି): ପବିତ୍ର ଶୀତଳଷଷ୍ଠୀ ଓ ଦିଅଁବିଭା ଅବସରରେ ବୃନ୍ଦାବନପୁର ପୂଜ୍ୟ ପୂଜା ସଂସଦ ଆନୁକୂଲ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଗ୍ରାମର ବରିଷ୍ଠ ବ୍ୟକ୍ତି ସୁରେଶ ଚନ୍ଦ୍ର ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ଜଗବନ୍ଧୁ ରଥ, ଗୋପାଳ କୃଷ୍ଣ ରଥ ଓ ବିରଞ୍ଚି ନାରାୟଣ ରଥ ପ୍ରମୁଖଙ୍କୁ ସପତ୍ନୀକ ସେମାନଙ୍କର କର୍ମମୟ ଓ ସାମାଜିକ ଜୀବନର ଅବଦାନ ସ୍ମୃତିକୁ ରୋମନ୍ଥନ କରି ମାନପତ୍ର ପ୍ରଦାନ ପୂର୍ବକ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ହରପ୍ରସାଦ ମହାପାତ୍ର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳ ହୋଇଥିବାରୁ ତାଙ୍କୁ ସମ୍ମାନୀତ କରାଯିବା ସହିତ ପଞ୍ଚାୟତର ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସଫଳ ତିନି ଜଣ ବିଦ୍ୟାର୍ଥୀ ପାପାଲି ପରିଡା, ଅଞ୍ଜଳି ରଣା ଓ କାହ୍ନା ସାହୁଙ୍କୁ ଭଏସ୍ ଅଫ୍ ଭିକ୍ଟିମ୍ସ ଟ୍ରଷ୍ଟ ତରଫରୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସଭା କାର୍ଯ୍ୟକୁ ଅନୁଷ୍ଠାନର ସଭାପତି ରାମ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ସମ୍ପାଦକ ଉପେନ୍ଦ୍ର ଚନ୍ଦ୍ର ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପରବର୍ତ୍ତୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ରଥ ସଭା କାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ଗ୍ରାମର ସବୁଠାରୁ ବୟୋବୃଦ୍ଧ ଦେବରାଜ ରଥ ମୁଖ୍ୟଅତିଥି ଭାବେ ସମସ୍ତଙ୍କୁ ସାର୍ଟିଫିକେଟ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ ସହ ଆଶୀର୍ବାଦ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା । କନ୍ୟା ପିତା ଭାବେ ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର ଓ ବରପିତା ଭାବେ ଶ୍ରୀ ଶିବରାମ ମିଶ୍ର ସମସ୍ତ ଦେବନୀତି ସମ୍ପନ୍ନ କରିଥିଲେ ।

## ରୋଗୀ ସେବା ଉପରେ ଗୁରୁତ୍ୱ ଦେବାକୁ ବିଧାୟକଙ୍କ ନିର୍ଦ୍ଦେଶ

